# ଓଡ଼ିଶା ବିଧାନସଭା

## ପଞ୍ଚମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୮ ନଭେମ୍ବର, ୨୦୨୫

----

[ଶିକ୍ଷ - ଉଚ୍ଚ ଶିକ୍ଷା - ବିଦ୍ୟାଳୟ ଓ ଗଣଶିକ୍ଷା - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - କ୍ରୀଡା ଓ ଯୁବକଲ୍ୟାଣ - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ଡ୍ରପ୍ ଆଉଟ୍ ସଂଖ୍ୟା ହ୍ରାସ ପାଇଁ ପଦକ୍ଷେପ

*31 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ଡ୍ରପ୍ ଆଉଟ୍ ସଂଖ୍ୟା ହାରାହାରି କେତେ ଏବଂ ବାଲେଶ୍ୱର ଜିଲ୍ଲାରେ ଏହାକୁ ହ୍ରାସ କରିବା ପାଇଁ ସରକାରଙ୍କ ପକ୍ଷରୁ କଣ ସବୁ ପଦକ୍ଷେପ ନିଆଯାଉଛି ତାହା ଜଣାଇବେ କି?

----

### ଭଦ୍ରକ ମହିଳା କଲେଜକୁ Model College ଯୋଜନାର ଅନ୍ତର୍ଭୁକ୍ତ

*32 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ମହିଳା କଲେଜକୁ "Model Women's College" ରେ ପରିଣତ କରିବା ପାଇଁ ୨୦୧୮ ମସିହାଠାରୁ ଗତ ସରକାରଙ୍କ କାର୍ଯ୍ୟକାଳ ସରିବା ପର୍ଯ୍ୟନ୍ତ କିଛି କାର୍ଯ୍ୟପନ୍ଥା ଗ୍ରହଣ ହୋଇନଥିବା ସତ୍ୟ କି; (ଖ) ବର୍ତ୍ତମାନ ମହିଳାଙ୍କର ଉଚ୍ଚଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଭଦ୍ରକ ମହିଳା ମହାବିଦ୍ୟାଳୟକୁ Model College ଯୋଜନାରେ ଅନ୍ତର୍ଭୁକ୍ତ କରି ଉନ୍ନତିକରଣ ପାଇଁ ଯୋଜନା ରଖିଛନ୍ତି କି ; ଯଦି ହଁ, ତେବେ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ଯୋଜନା ରଖିଛନ୍ତି ?

----

## ବୃହତ ଶିଳ୍ପ ସ୍ଥାପନ ପାଇଁ ଜମି ହସ୍ତାନ୍ତର

***33 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବୃହତ, ଶିଳ୍ପ ସ୍ଥାପନ କରିବା ପାଇଁ ବିଭିନ୍ନ ଜିଲ୍ଲାରେ ଚିହ୍ନଟ ହୋଇଥିବା ଜମିର ହସ୍ତାନ୍ତର ବା ପରବର୍ତ୍ତୀ କାର୍ଯ୍ୟକ୍ରମ ସରକାର ସମ୍ପାଦନ କରିନାହାନ୍ତି ଯାହାଦ୍ୱାରା କେବଳ ଶିଳ୍ପ ପ୍ରତିଷ୍ଠା ସରକାରଙ୍କ ନଥିରେ ଓ ଗଣମାଧ୍ୟମ ମାନଙ୍କ ଦ୍ୱାରା ପ୍ରଚାର ପ୍ରସାରରେ ସୀମିତ ରହିଗଲା, ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ଥିତି ସମ୍ପର୍କରେ ଏହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## Implementation of ANWESHA Scheme

***34 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The ANWESHA scheme, initiated in 2015-16, is currently implemented in only 17 district Why has Puri district not been included despite having a significant SC population of 37,585 (19.2%of Satyabadi Block); What is the timeline for expansion to Puri district, and what are the barriers to bringing quality Urban Private school Education to SC/ST students in this constituency?

----

## ଖେଳ ପଡ଼ିଆର ଉନ୍ନତି

***35 ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେଗୁନିଆପଡ଼ାଠାରେ ଥିବା ବାପୁଜୀ ଷ୍ଟାଡ଼ିୟମଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବାରୁ ଏହା କ୍ରୀଡ଼ା ପ୍ରେମୀଙ୍କ ପାଇଁ ଅନୁପଯୋଗୀ ହୋଇଛି, ଏହାର ଉନ୍ନତିକରଣ କରିବାକୁ ପଦକ୍ଷେପ ନେବେ କି ?

----

## ଦକ୍ଷତା ବିକାଶ ଟ୍ରେନିଂ ନେଇ ବେକାର

***36** **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ଦକ୍ଷତା ବିକାଶ କେନ୍ଦ୍ରରେ କେଉଁକେଉଁ ଟ୍ରେଡରେ ଦକ୍ଷତା ସମ୍ୱଳିତ ଟ୍ରେନିଂ ପିଲାମାନଙ୍କୁ ଦେଉଛନ୍ତି ଓ ସେଥିରୁ କେତେ ପିଲା pass out ହୋଇ କେଉଁ କେଉଁ ଶିଳ୍ପ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି ତାର ବିଶେଷ ତଥ୍ୟ ଦେବାସହ କେତେ ପିଲା ଦକ୍ଷତା ବିକାଶ ଟ୍ରେନିଂ ନେଇ ବେକାର ଅଛନ୍ତି?

----

## ଉତ୍କଳ ସମ୍ମିଳନୀର ପ୍ରଚାର ପ୍ରସାର

***37** **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- "ଉତ୍କଳ ସମ୍ମିଳନୀ" ଶବ୍ଦଟି ଆମ ଓଡ଼ିଶାର ଓ ଓଡ଼ିଆଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟିର ଏକ ଗୌରବମୟ ଫରିବାଚକ ଅଭିବ୍ୟକ୍ତି, ଏହି ପଦ ବା ବାକ୍ୟ ଖଣ୍ଡର ମୌଳିକ ପରିଚୟ ଅକ୍ଷୁଣ୍ଣ ପାଇଁ ଏହି ପଦ ବା ବାକ୍ୟଖଣ୍ଡର ଅନ୍ୟ ଗୋଷ୍ଠୀ/ ସମୂହ ଦ୍ୱାରା ଯେପରି ବ୍ୟବହାର ଜନିତ ଦ୍ୱନ୍ଦ ନ ଉପୁଜୁ ଏ ଦିଗରେ ଚିନ୍ତନ ଓ ଦୃଢ କାର୍ଯ୍ୟାନୁଷ୍ଠାନ ବିଭାଗ ଅନୁଭବ ବା ପରିଲକ୍ଷିତ କରିଛି କି ; ଯଦି ଉତ୍ତର ହଁ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି; (ଖ) ରାଜ୍ୟସ୍ତରୀୟ ତଥା ଜିଲ୍ଲା ଓ ମୁଖ୍ୟ ସହାରାଞ୍ଚଳ ସଂଗ୍ରାହାଳୟ ତଥା ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ଓ ନାମି ଶିକ୍ଷାନୁଷ୍ଠାନ ଗୁଡିକରେ ଏହି ସଂକ୍ରାନ୍ତୀୟ ପ୍ରଚାର ପ୍ରସାର ଓ ସ୍ଥାୟୀ ପ୍ରଦର୍ଶନୀ ଦିଗରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା କରିଛନ୍ତି ?

----

## ବାଙ୍ଗିରିପୋଷୀଠାରେ ଏକ ସରକାରୀ ଭିନ୍ନକ୍ଷମ ବିଦ୍ୟାଳୟ ପ୍ରତିଷ୍ଠା

***38** **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେଗୋଟି ଭିନ୍ନକ୍ଷମ ବିଦ୍ୟାଳୟ ଅଛି ଏବଂ ଏହା କେଉଁ କେଉଁ ଜାଗାରେ ରହଛି, ପ୍ରତ୍ୟେକ ବିଦ୍ୟାଳୟରେ କେଉଁ ପଦବୀରେ କେତେ କର୍ମଚାରୀ ଅଛନ୍ତି ଏବଂ ପ୍ରତ୍ୟେକ ବିଦ୍ୟାଳୟରେ କେତେଜଣ ଲେଖାଏଁ ଭିନ୍ନକ୍ଷମ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି, ତାର ସବିଶେଷ ବିବରଣୀ ଦେବେ କି ଏବଂ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ଆଦୌ ଭିନ୍ନକ୍ଷମ ବିଦ୍ୟାଳୟ ନାହିଁ, ତେଣୁ ବାଙ୍ଗିରିପୋଷି ଠାରେ ସରକାର ଏକ ଭିନ୍ନକ୍ଷମ ବିଦ୍ୟାଳୟ ଖୋଲିବା ପାଇଁ ପଦକ୍ଷେପ ନେବେ କି ?

----

## Guidelines of Sikshyak Sahayak

***39** **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The block-wise data of Junior Teachers presently working in Primary and Upper Primary Schools of the State, who were appointed as Sikshya Sahayaks during 2011 under the Sikshya Sahayak Engagement Guidelines, and after completion of three years of satisfactory service were re-designated as Junior Teachers, but whose

services have not yet been regularized on the ground of non-qualification in the Odisha Teacher Eligibility Test (OTET)?

----

### ସାଲେପୁର ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ

***40 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

### ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ

***41 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର କେଉଁ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି Odisha Conclave ରେ ଯେଉଁ ଶିଳ୍ପପତି ମାନେ Mou ସ୍ୱାକ୍ଷର କରିଥିଲେ ସେଥିମଧ୍ୟରୁ କେତୋଟି ଶିଳ୍ପ କେଉଁ କେଉଁ ଅଞ୍ଚଳରେ ପ୍ରତିଷ୍ଠା ପାଇଁ ବିଧିବଦ୍ଧ ଭାବରେ ନିଷ୍ପତି ଗ୍ରହଣ କରିଛନ୍ତି ?

----

### ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ପ୍ରକଳ୍ପ ମଞ୍ଜୁର

***42 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଲାଙ୍ଗିର ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନା ଅନ୍ତର୍ଭୁକ୍ତ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେତେ ଗୋଟି ପ୍ରକଳ୍ପ ମଞ୍ଜୁରୀ ପ୍ରାପ୍ତ ହୋଇଥିଲା ଏବଂ ଉକ୍ତ ପ୍ରକଳ୍ପ ଗୁଡିକ ପାଇଁ କେତେ ଅର୍ଥ ପ୍ରଦାନ କରାଯାଇଥିଲା, ବର୍ତ୍ତମାନ ସୁଦ୍ଧା କେତେ ଗୋଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ କରାଯାଇଛି ଏବଂ ଯେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ ସେଗୁଡିକ କେଉଁ କାରଣରୁ ସମ୍ପୂର୍ଣ୍ଣ ହୋଇ ନାହିଁ ଓ ଅଦ୍ୟାବଧି କେତେ ଅର୍ଥ ଖର୍ଚ୍ଚ କରାଯାଇଛି, ତାହାର ପୂଣ୍ଡାଙ୍ଗ ବିବରଣୀ ପ୍ରଦାନ କରିବେ କି ?

----

### Benefit of Sports persons in Gajapati district

***43 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- For The Development Of Sports, Which Sports Have Been Given Priority In Gajapati District, How Many Sportspersons Have Been Benefitted, In The Coming Days, Which Sports Are Proposed To Be Given Priority, And How Much Fund Has Been Allocated For

This Purpose With Block-Wise Details ?

----

## ଦକ୍ଷତା ବିକାଶ ଦ୍ୱାରା ତାଲିମ ପ୍ରଦାନ

***44 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪ ଜୁନ୍ ମାସ ପରଠାରୁ କେଉଁ କେଉଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ; ଏଥିରେ କେତେ ପିଲା ପ୍ରଶିକ୍ଷିତ ହେଇ କେଉଁ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି; ଜିଲ୍ଲାୱାରୀ ଏହାର ତାଲିକା ପ୍ରଦାନ କରିବେ କି; ରାଜ୍ୟର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ପାଇଁ କେତୋଟି ସଂସ୍ଥା ଦ୍ୱାରା ତାଲିମ୍ ପ୍ରଦାନ କରାଯାଇଛି; କେଉଁ କେଉଁ କୌଶଳ ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହୀ କରୁଛନ୍ତି; ଜିଲ୍ଲାୱାରୀ ଏହାର ଏକ ତାଲିକା ପ୍ରଦାନ କରିବେ କି ?

----

## Specific funds provision for Chattar Yatra

***45 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The government has provided financial assistance of Rs.1.10 lakh each to 215 heritage Durga Puja Committees across the state in 2025, but no comparable financial or institutional support is provided for Kalahandi's Chattar Yatra, would the Govt. clarify that whether the government has any provision of specific fund for the Chattar yatra of Maa Manikeswari, if yes, then what was the allocation in the year 2025, Moreover, there are a number of traditional Yatras of Western Odisha which are more than a 100 years old, is the government providing any specific fund for the conservation of the same, if yes, then will the Govt. provide a list of support or grants given to local Western Odisha Festivals - district-wise ?

----

## ରାଜ୍ୟରେ ଥିବା ନିଶା ନିବାରଣ କେନ୍ଦ୍ର

***46 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ ଜିଲ୍ଲାରେ କେତୋଟି ନିଶା ନିବାରଣ କେନ୍ଦ୍ର ରହିଛି ଏବଂ ଏହି ନିଶା ନିବାରଣ କେନ୍ଦ୍ରରେ କେତେ ସଂଖ୍ୟକ ନିଶାସକ୍ତ ଯୁବକ ରହିଛନ୍ତି ତାହାର ଏକ କେନ୍ଦ୍ରଓ୍ୱାରୀ ତାଲିକା ଦେବା ସହିତ ଗତ ୨ବର୍ଷ ମଧ୍ୟରେ କେଉଁ ନିଶା ନିବାରଣ କେନ୍ଦ୍ରରେ କେଉଁ କାରଣ ଯୋଗୁଁ କେତେ ସଂଖ୍ୟକ ଅନ୍ତେବାସୀ ପ୍ରାଣ ହରାଇଛନ୍ତି ତାହାର ତାଲିକା ପ୍ରଦାନ କରିବେ କି, ନିଶା ନିବାରଣ କେନ୍ଦ୍ରଗୁଡିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରୁ ବାର୍ଷିକ କେତେ ଟଙ୍କାର ଅନୁଦାନ କେଉଁ ବାବଦରେ ପାଇଥାନ୍ତି ତାହାର ୫ବର୍ଷର ଏକ କେନ୍ଦ୍ରୱାରୀ ତାଲିକା ପ୍ରଦାନ କରିବେ କି ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

***47 ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋନପୁର ଜିଲ୍ଲାରେ କେତେ ଗୋଟି ଶିକ୍ଷକ ପଦବୀ ଖାଲି ଅଛି High School Level ରେ ଏବଂ Primary School Level ରେ ତାର ଏକ ସବିଶେଷ ବିବରଣୀ Block wise ଦେବେ କି ?

----

## ଗବେଷଣା ଓ ବିକାଶ କ୍ଷେତ୍ରରେ ଗୁଣବତ୍ତା ବୃଦ୍ଧି

***48 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗବେଷଣା ଓ ବିକାଶ (research & development ) କାର୍ଯ୍ୟ କେତେ ହେଉଛି, ଏ କ୍ଷେତ୍ରରେ ଗୁଣବତ୍ତା ବୃଦ୍ଧି ଏବଂ ନୂତନ ଉଦ୍ଭାବନ (innovation ) ନିମିତ୍ତ ପ୍ରକଳ୍ପଗୁଡିକର ଉନ୍ନୟନ ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ଜଣାଇବା ସହ ସରକାରଙ୍କ ତରଫରୁ କେତେ ପରିମାଣରେ ଆର୍ଥିକ ସାହାଯ୍ୟ ଦିଆଯାଇଛି ଓ ବିଗତ ୫ ବର୍ଷ ମଧ୍ୟରେ ତୁଳନାତ୍ମକ ଭାବରେ ଏହା ବଢ଼ିଛି ନା କମିଛି?

----

## ବାଲେଶ୍ୱର ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ

***49 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ନୂଆ ସରକାର ଗଠନ ହେବା ପରେ ନୂତନ ଶିଳ୍ପ ପାଇଁ ଆସିଥିବା ଇନଭେଷ୍ଟମେଣ୍ଟର ଜିଲ୍ଲା ୱାରି (ବଡରୁ ସାନ କ୍ରମରେ) ଏକ ତଥ୍ୟ ପ୍ରଦାନ କରିବା ସହ ବାଲେଶ୍ୱର ଜିଲ୍ଲାରେ ବର୍ତ୍ତମାନ ଓ ଆଗକୁ ପ୍ରସ୍ତାବିତ ଶିଳ୍ପ ଓ investment ଗୁଡିକର ସ୍ଥିତାବସ୍ଥା ସହ ନିଯୁକ୍ତି ସୁଯୋଗର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି , (ଖ) ଉତ୍କର୍ଷ ଓଡିଶା କ୍ରାନ୍ତିରେ ବାଲେଶ୍ୱରରେ ଶିଳ୍ପ ଆସିବା ସଂଖ୍ୟା କମ କଣ ପାଇଁ, ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ବୃଦ୍ଧି ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସଲକୁ ଜିଆଇ ଟ୍ୟାଗ୍ ମାନ୍ୟତା

***50 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର ଆଦିମ ଜନଜାତି ଡଙ୍ଗରିଆ ସଂପ୍ରଦାୟର ତରଫରୁ ବୁଣା ଯାଉଥିବା ସଲକୁ ଜିଆଇ ଟ୍ୟାଗ୍ ମାନ୍ୟତା କେବେ ଠାରୁ ମିଳିଛି, ଟ୍ୟାଗ ମାନ୍ୟତା ପରେ ଡଙ୍ଗରିଆ ପରିବାର କେତେ ଉପକୃତ ହୋଇପାରିଛନ୍ତି, କେତୋଟି ସଲ ବାହାର ବାଜାରରେ ବିକ୍ରୀ ହୋଇଛି, ପ୍ରତି ମାସରେ କେତେ ସଲ ବଜାରକୁ ଯାଇପାରୁଛି, ଏହି ସଲ ରାୟଗଡା ଜିଲ୍ଲା ସମେତ ରାଜ୍ୟ ଓ ରାଜ୍ୟ ବାହାରେ କେଉଁ କେଉଁ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ ରହିଛି, ଦେଶ ବିଦେଶରେ ଉପଲବ୍ଧ କରାଇବା ପାଇଁ କେଉଁ ଅନଲାଇନ ବ୍ୟବସାୟ ସହ ଯୋଡା ଯାଇଛି, ବର୍ତ୍ତମାନ ଏହି ସଲର ବଜାର ଦର କଣ ରହିଛି, ବୁଣାକାର ନିମନ୍ତେ ସୁତା ଏବଂ କେଉଁଠୁ କ୍ରୟ କରାଯାଇଛି, ଗତ ପାଞ୍ଚ ବର୍ଷରେ କଣ କଣ ସାମଗ୍ରୀ, ଯନ୍ତ୍ରପାତି କ୍ରୟ କରାଯାଇଛି ସେଗୁଡିକ ନାମ କଣ, କେଉଁ ସଂସ୍ଥା ମାଧ୍ୟମରେ କ୍ରୟ କରାଯାଇଛି ବର୍ତ୍ତମାନ ତାହାର ସ୍ଥିତି କଣ ରହିଛି, ଆଗାମୀ ଦିନରେ ସଲର ଚାହିଦା ନିମନ୍ତେ କଣ ସବୁ ଯୋଜନା କରାଯାଇଛି ?

----

## ଷ୍ଟାଡିୟମ ନିର୍ମାଣ

*51 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୧୫ ମସିହାରୁ ଆଜି ପର୍ଯ୍ୟନ୍ତ କେଉଁ କେଉଁ ସ୍ଥାନରେ କେତୋଟି ଷ୍ଟାଡିୟମ (ଜାତୀୟ, ଅନ୍ତର୍ଜାତୀୟ, ଜିଲ୍ଲା ଓ ବ୍ଲକସ୍ତରୀୟ) ନିର୍ମାଣ କରାଯାଇଛି ତା'ର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, ଏହି ଷ୍ଟାଡିୟମ ନିର୍ମାଣ ନିମନ୍ତେ କେଉଁ ବର୍ଷ କେତେ ଅର୍ଥ ବ୍ୟୟ କରାଯାଇଛି ତା'ର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି, ରାଜ୍ୟରେ ଖେଳାଳିଙ୍କ ନିମନ୍ତେ କେଉଁ କେଉଁ ସ୍ଥାନରେ ସ୍ପୋର୍ଟ ହଷ୍ଟେଲ ନିର୍ମାଣ କରାଯାଇଛି, ସେଥିରେ କେତେ ସଂଖ୍ୟକ ଖେଳାଳି ରହୁଛନ୍ତି ଏବଂ ଖେଳାଳି ମାନଙ୍କ ପାଇଁ କି କି ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି, ରାଜ୍ୟରେ ନୂଆ ସ୍ପୋର୍ଟ ହଷ୍ଟେଲ ଓ ଷ୍ଟାଡିୟମ କେଉଁ କେଉଁ ସ୍ଥାନରେ ନିର୍ମାଣ କରିବାକୁ ବିଭାଗ ନିକଟରେ ପ୍ରସ୍ତାବ ରହିଛି ?

----

## Educated Youths registered their name Dist. Employment Exchange

*52 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- - (a) How many educated youths have registered their names in different District Employment Exchange in the State till today and out of youth aspirant, how many youths have employed in both Government & Private sector in the State in last 2 years, Will the Government furnish the detailed information district wise, (b) How many youth-aspirants have waited to get employment till the date, Will the Government furnish the details of information district-wise and qualification-wise?

----

## Sanction of Pension for Widow & disability pensions

*53 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a)How many new beneficiaries have been sanctioned pensions after June, 2024 (b)The total number of applications received under these categories across the State and specifically from Barabati Cuttack constituency, along with details of pending applicants yet to receive pensions whether the Government will prioritize sanction and disbursement of pensions for widows, disabled persons and senior citizens above 80 years by creating a new quota instead of relying only on the death vacancy process ?

----

## ନୂତନ ଶିକ୍ଷାନୀତି ଲାଗୁ କରିବା

*54 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦ୍ର ସରକାର ଦେଶରେ ନୂତନ ଶିକ୍ଷାନୀତି ଲାଗୁ କରିବାକୁ ଯାଉଥିବା ପରିପ୍ରେକ୍ଷୀରେ ରାଜ୍ୟରେ ନୂତନ ଶିକ୍ଷାନୀତି ଲାଗୁ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି, ଏହି ନୂତନ ଶିକ୍ଷାନୀତି ଲାଗୁ କରିବା ପାଇଁ କେତେ ଅର୍ଥର ଆବଶ୍ୟକତା ଥିଲାବେଳେ ଏହି ଅର୍ଥ ଭରଣା ଦାୟିତ୍ୱ କେନ୍ଦ୍ର ସରକାରଙ୍କ ନିକଟରେ ସରକାର ଦାବି କରିବେ କି, (ଖ) ରାଜ୍ୟରେ ଏକ ସମନ୍ୱିତ ନୂତନ ଶିକ୍ଷାନୀତି ଲାଗୁକରିବାକୁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ପ୍ରତ୍ୟେକ ଜିଲ୍ଲାରେ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା

*55 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରୀ ମହାବିଦ୍ୟାଳୟ ନଥିବା ଜିଲ୍ଲାମାନଙ୍କରେ ଗୋଟିଏ ଗୋଟିଏ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଥିବା ସତ୍ୟ କି ; ଯଦି ସତ୍ୟ, ତେବେ ଏ ସଂକ୍ରାନ୍ତରେ ବର୍ତ୍ତମାନ ସୁଦ୍ଧା କି ଅଗ୍ରଗତି ହୋଇଛି, ସରକାରୀ ମହାବିଦ୍ୟାଳୟ ନଥିବା କେନ୍ଦ୍ରାପଡା ଜିଲ୍ଲାର ସ୍ୱୟଂଶାସିତ କେନ୍ଦ୍ରାପଡା ମହାବିଦ୍ୟାଳୟକୁ ସରକାରୀ ମହାବିଦ୍ୟାଳୟରେ ରୂପାନ୍ତର ନିମନ୍ତେ କୌଣସି ପ୍ରସ୍ତାବ ଅଛି କି?

----

## Currently operating total number of Industries in Sundargarh district

*56 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- the total number of industries currently operating in Sundargarh district and specifically within the Rourkela region?

Will the Mister also clarify whether the Government has any proposal to close or suspend operations of any existing industry in these areas, Further, may the Mister provide details of the industries presently functioning in Rourkela along with the extent of local employment generated, including the number of Odia youth employed in each unit?

----

## ଅନ୍ୱେଷା ଯୋଜନାରେ ଅଧ୍ୟୟନରତ ଛାତ୍ର/ଛାତ୍ରୀ

*57 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅନ୍ୱେଷା ଯୋଜନାରେ ଅଦ୍ୟାବଧି କେଉଁ ଜିଲ୍ଲାର କେଉଁ କେଉଁ ଶିକ୍ଷା ଅନୁଷ୍ଠାନରେ କେତେ ସଂଖ୍ୟକ ଛାତ୍ର/ଛାତ୍ରୀ ଅଧ୍ୟୟନ କରୁଛନ୍ତି ଓ କେତେଗୋଟି ଛାତ୍ର/ଛାତ୍ରୀ ନିବାସରେ ରହି ପଢିବାର ବ୍ୟବସ୍ଥା ଅଛି; ଚଳିତ ଶିକ୍ଷାବର୍ଷରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଛାତ୍ର/ଛାତ୍ରୀ କେଉଁ କେଉଁ ଶ୍ରେଣୀରେ ନାମ ଲେଖାଇଛନ୍ତି ତତ୍ ସମ୍ବନ୍ଧିୟ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଭିନ୍ନକ୍ଷମମାନଙ୍କୁ ସୁବିଧା ସୁଯୋଗ

*58 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେଜଣ 40 ଶତକଡାରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତି ଅଛନ୍ତି ତନ୍ମଧ୍ୟରୁ କେତେଜଣ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି ଓ କେତେଜଣ apply କରି ଅପେକ୍ଷାରେ ଅଛନ୍ତି, ଦୃଷ୍ଟିବାଧିତଙ୍କ ସଂଖ୍ୟା କେତେ ସରକାର ସେମାନଙ୍କୁ କି ପ୍ରକାର ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି, ଯେଉଁମାନଙ୍କର ଗୋଡ ନାହିଁ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ସରକାର 3 ଚକିଆ ସାଇକେଲ ପ୍ରଦାନ କରିଛନ୍ତି, ଭିନ୍ନକ୍ଷମମାନଙ୍କୁ ସରକାରୀ ବସରେଯିବା ଆସିବା ପାଇଁ କି ପ୍ରକାର ସୁବିଧା, ବ୍ୟବସ୍ଥା ସରକାର କରିଛନ୍ତି, ଜନ୍ମରୁ ହାତ ହରାଇଥିବା ବା କୌଣସି ଦୁର୍ଘଟଣାରେ ହାତ ହରାଇ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସରକାର ମାଇଓ ଇଲେକଟ୍ରିକ(Maioelectric) ଓ Bionic (ବାୟୋନିକ) ହାତ ଯୋଗାଇଦେବା ପାଇଁ ବ୍ୟବସ୍ଥା କରିବେକି?

----

## ଉଚ୍ଚ ବିଦ୍ୟାଳୟରେ +2 ଖୋଲିବା

*59 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ କେତୋଟି ଉଚ୍ଚ ବିଦ୍ୟାଳୟରେ +2 କ୍ଲାସ ଖୋଲା ଯାଇଅଛି ଏବଂ କେତେ ଗୋଟି ବିଦ୍ୟାଳୟରେ +2 କ୍ଲାସ ଖୋଲା ଯାଇ ନାହିଁ, ଯେଉଁ ଉଚ୍ଚ ବିଦ୍ୟାଳୟରେ +2 ଖୋଲା ଯାଇ ନାହିଁ ସେଗୁଡିକରେ +2 କ୍ଲାସ ଖୋଲିବା ନିମନ୍ତେ ପଦକ୍ଷେପ ନେବେ କି ?

----

## ଅନୁଦାନପ୍ରାପ୍ତ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତରେ ପରିଣତ

***60 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ସରକାରୀ ସମ୍ପୂର୍ଣ୍ଣ ସରକାରୀ ଅନୁଦାନପ୍ରାପ୍ତ (Full Aided) ତଥା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ସଂଖ୍ୟା କେତେ ; ସବୁ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପରିଣତ କରିବାକୁ ସରକାରଙ୍କର ବିଚାରବିମର୍ଷ କଣ ଏବଂ ପଦକ୍ଷେପ କଣ ହେବ?

----